ଦ୍ରୁବଦଙ୍କର ତପସ୍ୟା
ଛାଡିଲେ ଦ୍ରୋପଦକୁ ପଳାଇଲା ବିକଳେ
କାଶୀ ନଦୀ ବହଇ ହେମବନ୍ତ ପର୍ବତର ତଳେ । ୧
ଗୌରା ତପ କରିଥିଲେ ସେ ଥାନରେ
ଲାଜେଣ ରାଜ୍ୟକୁ ନ ଗଲେ ଦ୍ରୋପଦ ଈଶ୍ୱରେ । ୨
ଯେତେ ଅବସ୍ଥା ହୋଇଣ ରାଜ୍ୟକୁ କେମନ୍ତେ ଯିବି
ଅମନାତ୍ୟ ପାତ୍ରଙ୍କ ମୁଖ ଯେ କେମନ୍ତେ ଚାହିଂବି । ୩
ଜୀବନ ନିଆଶୀ ରାଜା ବସିଲା ଘୋର ତପେ
ଛାଡିଲା ରାଗ, ମୋହ, ହିଂସା ବସିଲା ତପୋଧନ ରୂପେ । ୪
ପଞ୍ଚଭୂତ ନିମଜ୍ଜି ବସିଲା ମହାରାୟେ
ରୁଦ୍ର ଦେବତାଙ୍କୁ ଜପଇ ଅଜପା ମନ୍ତ୍ର ଲୟେ । ୫
ଅଣ ଅକ୍ଷର ନାଥ ଯେ କୃପାଜଳ ସିନ୍ଧୁ
ଅନ୍ଧକ ବିଦାରଣ ମଉଳିଧର ଇନ୍ଦୁ । ୬
---------
୪ ।୨ ତପୋଧନ ସ୍ଥାନରେ ତପସ୍ୱିନ ପାଠ ଅଛି ।
୨ ।୧ ଗୌରା-ଗୌରୀ, ପାର୍ବତୀ

ସଂସାର ଦର୍ପ ଭାଙ୍ଗିଲା ଯେବଣ କାମଦେବ
ସଦାନନ୍ଦ ପୁରୁଷ ତୋହୋର ନାମ ସଦାଶିବ । ୭
ବ୍ରହ୍ମାର ଶାପେ ଦେବ ଦହିଲୁ ଅନଙ୍ଗ
ଅଣାକାର ପୁରୁଷ ତୁ ଯେ ଧଇଲୁ ସୋଢଳ ଅଙ୍ଗ । ୮
ଆଦି ଈଶାନ ନାଥ ତୁହି ସେ ଜଗତ ଗୁରୁ
ଯେ କଳିକାଳ ଧଂସିବାକୁ ନାଥ ତୁହି ସେ ଚିନ୍ତା କରୁ । ୯
ସ୍ୱାମୀ ୟେକ କାୟାକୁ ଯାହାର ପଞ୍ଚଶିର
ସୁର ପାବକ ନାଥ ତୋହୋର ନାମ ଗଙ୍ଗାଧର । ୧୦
ସଂସାରକୁ ସାର ତୋର ମହାରୁଦ୍ର ମନ୍ତ୍ରେ
ସୈଳଜାର ବଲ୍ଲଭ ତୁ ପିନାକ ଧରୁ ହସ୍ତେ । ୧୧
ସରଳ ଯେବଣ ଯେ କାଳାନଳ ଉତଙ୍ଗ
କଟି ମେଖଳା ସେ ୟେ ଅନନ୍ତ ଭୁଜଙ୍ଗ । ୧୨
କାମ ପତନ ନାଥ ନ କଲୁ ୟେହା କିଛି
ୟେକ ତଲୟେ ଭଜିଲୁ ଯୋଗ ଲୟେ ବାଛି । ୧୩
ୟେ ସଚରାଚର ଜୀବ ଜନ୍ତୁ କଲୁ କୀଟ ପୋକ
ଉଲଗ୍ନସାହୀ ହୋଇ ଲଭିଲୁ ତ୍ରୈଲୋକ । ୧୪
ପିନାକ ଶାରଙ୍ଗ ଖଟ୍ୱାଙ୍ଗ ଡମ୍ବରୁ ଯେ ହସ୍ତେ
ଡାକି ଗହନ ନାଦେ ପଳାନ୍ତି ଦୁରାପାତେ । ୧୫
ପ୍ରତଗ୍ୟାଂ ସାର୍ଥୁକ ନାଥ ଦକ୍ଷର ଯାଗଭଙ୍ଗା
କପିଳାସ ବିହରମ ବ୍ରହ୍ମାର ଶିରଗଞ୍ଜା । ୧୬
କବନ୍ଧ ବିଦାରଣ ତୁହି ସେ ଆଦି ଈଶାନ
ନମସ୍ତେ ବିରୂପାକ୍ଷ ଦେବ ତ୍ରିଲୋଚନ । ୧୭
କରୁଣାକର ନାଥ ତ୍ରୈଲୋକ୍ୟଚିନ୍ତାମଣି
କୋଟିୟେ ଯୁଗ ଗଲେ ସ୍ୱାମୀ ନିମିଷକ ପ୍ରାୟେ ମଣି । ୧୮
ସ୍ୱାମୀ ନୀଳକଣ୍ଠ ତବ ଶ୍ରୀ ଚରଣେ ନମାମି
କପିଳାସ ସିଂଘଦ୍ୱାର ମୋତେ ପ୍ରାପତ କର ଦେବ ସ୍ୱାମୀ । ୧୯
ଗିରିଜା ବଲ୍ଲଭ ଶ୍ରୀ ଚରଣେ ନିତ୍ୟେ ମୁହିଂ ଦାସ
କିଞ୍ଚିତ ଖଣ୍ଡଣ କରିବା ନାଥ କାଳଦଣ୍ଡ ଫାଶ । ୨୦

ଶ୍ରୀ ମହେଶ୍ୱର ରୂପକୁ ଶତେ ସହସ୍ର ଦଣ୍ଡ ପରିଣାମି
ବଦୟନ୍ତି ଶାହାସ୍ର ଯୋଗେ ସାରୋଳା ଦାସ ଶୁଦ୍ର ମୁନି । ୨୧-୪୨୫୦

--------

୮ ।୨ ଅଙ୍ଗ ସ୍ଥାନରେ ଲିଙ୍ଗ ଅଛି

୧୦ ।୨ ସୁର ସାଇଂ ଜପଇ ନିତ୍ୟେ, ନାମ ଗଙ୍ଗାଧର ।

୧୪ ।୨ ବଇଲସାହୀ ହୋଇ ବିଭ୍ରମି ତ୍ରଇଲୋକ ।

୨୦ ।୨ କିଞ୍ଚିତ ଖଣ୍ଡଣ କରିବା ନାଥ ସକଳ ମୋହ ପାଶ ।
କ୍ଳେଶ ଖଣ୍ଡଣ କର ସ୍ୱାମୀ ନ ଯିବି ନାଶକର ପାଶ ।

**********